# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୧୧.୨୦୨୨ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ଶ୍ରୀ ଅଜିତ୍ ବେହେରା,
୩. ସକିବା ମୁଶରତ୍,
୪. ଶ୍ରୀ ଆଶିଷ କୁମାର ପଟ୍ଟନାୟକ

ଅଦ୍ୟ ତା ୧୮.୧୧.୨୦୨୨ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆଇନ୍-୨୦୦୩ ର ଧାରା-୩୮,୩୯ ଓ ୧୧୬ ଅନୁଯାୟୀ ଲୋକପ୍ରତିନିଧିଙ୍କୁ ଉପଯୁକ୍ତ ଭାବରେ ସମ୍ମାନ ଦିଆଯାଉନଥିବାରୁ ଆଜିର ଷ୍ଟାଣ୍ଡିଂ କମିଟିକୁ ସ୍ଥଗିତ ରଖିବା ପାଇଁ ନିଷ୍ପତି ହୋଇଥିଲା । ଏହି ସମୟର ମାନନୀୟ ମେୟର କମିଟିରେ ପହଂଚି ଉପୁଜିଥିବା ସମସ୍ୟାକୁ ସମାଧାନ କରିଥିଲେ । ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମର କେତେକ ୱାର୍ଡ଼ରେ ୱାର୍ଡ଼ର ସୀମା (Boundary) ସମସ୍ୟା ଦେଖା ଦେଇଥିବାରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରିବାରେ କର୍ପୋରେଟର ମାନଙ୍କ ମଧରେ ସମସ୍ୟା ଉପୁଜୁଥିବାରୁ କମିଟି ବିଭିନ୍ନ ସମୟରେ ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦେଇଥିଲେ ମଧ ସମସ୍ୟା ସମାଧାନ ହୋଇପାରିଲା ନାହିଁ । ତେଣୁ ରାଜ୍ୟ ସରକାର ୨୦୨୨ ମସିହାରେ ପ୍ରକାଶ କରିଥିବା ବିଜ୍ଞପ୍ତି ଅନୁସାରେ ୱାର୍ଡ଼ ସୀମା (Ward Boundary) କୁ ସ୍ଥିର ରଖି ୱାର୍ଡ଼ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଖୋଲା ସ୍ଥାନରେ ମଳତ୍ୟାଗ ନକରିବା ପାଇଁ Individual house hold Latrine (IHHL) ଯୋଜନାରେ latrine ପାଇଁ ଯେଉଁମାନେ ଆବେଦନ କରିଛନ୍ତି, ସେଗୁଡ଼ିକୁ ସର୍ଭେ କରାଯାଇ ଉପଯୁକ୍ତ ଆବେଦନକାରୀଙ୍କୁ କାର୍ଯ୍ୟାଦେଶ ଦେବା ନିମନ୍ତେ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୨) ତା ତା ୧୭.୧୦.୨୦୨୨ ରିଖରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । କିନ୍ତୁ ଉକ୍ତ କାର୍ଯ୍ୟ ହୋଇନଥିବାରୁ ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଆଂଚଳିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରେଲୱେ ଜାଗାରେ ଯେଉଁସବୁ ବସ୍ତି ରହିଅଛି, ସେମାନେ ରାଜିବ ଆବାସ ଯୋଜନା ସର୍ଭେ ତାଲିକାରେ ଅଛନ୍ତି । ରାଜ୍ୟ ସରକାର ସେମାନଙ୍କୁ ଥଇଥାନ କରିବା ପାଇଁ ବ୍ୟବସ୍ଥା କରୁଛନ୍ତି, କିନ୍ତୁ ରେଲୱେ ବିଭାଗ ସେହି ବସ୍ତିବାସିନ୍ଦାଙ୍କୁ unauthorized occupants କହି ଉଚ୍ଛେଦ କରିବା ପାଇଁ ତାଗିଦ୍ କରୁଛନ୍ତି । ସେମାନଙ୍କୁ Affordable Housing Project ଗୁଡ଼ିକରେ ଥଇଥାନ ନକରିବା ପର୍ଯ୍ୟନ୍ତ ଉଚ୍ଛେଦ ନକରିବା ପାଇଁ ରେଲୱେ ବିଭାଗକୁ ରାଜ୍ୟ ସରକାର ଅନୁରୋଧ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଜାଗା ମିଶନ କାର୍ଯ୍ୟରେ ଏସ୍.ଡ଼ି.ଏ ମାନେ କେତେକ କ୍ଷେତ୍ରରେ ଦସ୍ତଖତ କରୁନାହାଁନ୍ତି, ଫଳରେ ଜାଗା ମିଶନ୍ କାର୍ଯ୍ୟ ଗୁଡ଼ିକ ଠିକ୍ ସମୟରେ ସମ୍ପାଦନ ହୋଇପାରୁନାହିଁ, ତେଣୁ ଏହା ଉପରେ କର୍ପୋରେସନରେ ଆଲୋଚନା କରାଯାଇ ନିଷ୍ପତି ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମର କେତେକ ବସ୍ତି ନୂଆ ୱାର୍ଡ଼ରେ ଥିବାବେଳେ ନିଗମର କାଗଜାତରେ ପୁରୁଣା ୱାର୍ଡ଼ ନମ୍ବର ଉଲ୍ଲିଖିତ ଅଛି, ତେଣୁ ସେହିସବୁ ବସ୍ତିର ନାମ ସ୍ଥାନରେ ରାଜ୍ୟ ସରକାର ପ୍ରକାଶ କରିଥିବା ବିଜ୍ଞପ୍ତି-୨୦୨୨ ଅନୁଯାୟୀ ଯେଉଁ ୱାର୍ଡ଼ରେ ବସ୍ତି ଗୁଡ଼ିକ ରହୁଅଛି ସେହି ୱାର୍ଡ଼ର ନମ୍ବର ଉଲ୍ଲେଖ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ବସ୍ତି ଗୁଡ଼ିକରେ ନିଶା ବେପାର ବଢ଼ିଗଲାଣି, ତେଣୁ ଏହାକୁ ରୋକିବା ପାଇଁ ଜିଲ୍ଲାପାଳ, ଖୋର୍ଦ୍ଧା ଓ Dy. Commissioner of Police, ଭୁବନେଶ୍ୱରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୬.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୮.୧୧.୨୦୨୨ ରିଖ